# ତୃତୀୟ ଅଧ୍ୟାୟ

## ଆମ ଖାଦ୍ୟ ସାମଗ୍ରୀ ଓ ଉତ୍ପାଦନ କରୁଥିବା କର୍ମଜୀବୀ







ତଳ କୋଠରୀରେ ତୁମେ ଖାଉଥିବା କେତେକ ଖାଦ୍ୟର ନାମ ଦିଆଯାଇଛି । ସେହି ଖାଦ୍ୟ କେଉଁଥିରୁ ତିଆରି ହୁଏ ଓ ତାହାର ମୂଳ ଉପାଦାନ କ'ଣ ଲେଖ ।

| ଖାଦ୍ୟର ନାମ | କେଉଁଥିରୁ ତିଆରି ? | କେଉଁ ଶସ୍ୟ ବା ତା'ର ମୂଳ ଉପାଦାନ କ'ଣ ? |
|---|---|---|
| ରୁଟି | ଅଟା | ଗହମ |
| ମାଣ୍ଡିଆ ଖିରୀ | | |
| ଭାତ | | |
| ସୁଜି | | |



ଆମେ ଯେଉଁସବୁ ଖାଦ୍ୟ ଖାଇଥାଉ, ତାହାର ମୂଳ ଉପାଦାନକୁ ସାଧାରଣତଃ କୃଷକ ଜମିରୁ ବିଭିନ୍ନ ଶସ୍ୟ ଆକାରରେ ଉତ୍ପାଦନ କରିଥାଏ । ସେହିସବୁ ଶସ୍ୟ ମଧ୍ୟରୁ ଧାନ, ବିରି, ମୁଗ, ହରଡ଼, ରାଶି, ଚିନିବାଦାମ, ସୋରିଷ, ଅଳସି, ନଡ଼ିଆ ତେଲ ଆଦି ପ୍ରଧାନ । କିନ୍ତୁ ଆମେ ସେଗୁଡ଼ିକୁ ସେହିପରି ଖାଇ ପାରିବା ନାହିଁ । ଆମେ ବିଭିନ୍ନ ଉପାୟରେ ସେଗୁଡ଼ିକୁ ଖାଦ୍ୟ ଉପଯୋଗୀ କରିଥାଉ । ଧାନକଳ ସାହାଯ୍ୟରେ ଧାନରୁ ଚାଉଳ ବାହାର କରାଯାଏ । ଗହମରୁ ଅଟା, ସୁଜି, ମଇଦା ଇତ୍ୟାଦି ପାଇବା ପାଇଁ ଆମେ ଅଟାକଳ ଥିବା ସ୍ଥାନକୁ ଯାଉ । ରାଶି, ସୋରିଷ, ନଡ଼ିଆ, ଅଳସି, ଚିନାବାଦାମ, ସୂର୍ଯ୍ୟମୁଖୀ ଆଦିରୁ ତେଲ ବାହାର କରିବା ପାଇଁ ଆମକୁ ଘଣା ବା ତେଲକଳକୁ ଯିବାକୁ ପଡ଼ିଥାଏ । ଆଖୁରୁ ଗୁଡ଼ ତିଆରି କରିବା ପାଇଁ ଆଖୁପେଡ଼ା କଳ ଓ ଆଖୁରନ୍ଧା କାରଖାନାର ଆବଶ୍ୟକତା ପଡ଼ିଥାଏ ।

## ଖାଦ୍ୟ ଉତ୍ପାଦନ ସହ ଜଡ଼ିତ ବିଭିନ୍ନ ବୃତ୍ତି

ଖାଦ୍ୟ ଉତ୍ପାଦନ କରିବା ପାଇଁ ବହୁଲୋକ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ହୋଇଥାନ୍ତି । ସେହି କାର୍ଯ୍ୟ ଯୋଗୁ ସେମାନେ ଅର୍ଥ ରୋଜଗାର କରନ୍ତି ଓ ସେମାନଙ୍କର ପରିବାର ଚଳାନ୍ତି । ଏହି କାର୍ଯ୍ୟ ହେଉଛି ସେମାନଙ୍କର **ଜୀବିକା** ବା **ବୃତ୍ତି** ।

- ତୁମ ଗାଁରେ ଲୋକମାନେ କି କି ପ୍ରକାର ବୃତ୍ତି ଅବଲମ୍ବନ କରି ଜୀବିକା ନିର୍ବାହ କରନ୍ତି ; ତା'ର ଏକ ତାଲିକା କର ।

  ଯେପରି – ଆମ ଗାଆଁରେ କେତେକ ଲୋକ କାଠ କାମ କରି ଜୀବିକା ନିର୍ବାହ କରନ୍ତି ।

  ______________________________

  ______________________________


  ______________________________

  ______________________________

  ______________________________

  ______________________________

ଚାଷକାମ ସହ ଅନ୍ୟ  ଜୀବିକାର କିପରି ସଂପର୍କ ରହିଛି, ଆସ ଦେଖିବା ।



- ଚିତ୍ର ଦେଖି ତଳ ସାରଣୀରେ କାରିଗର କରୁଥିବା କାର୍ଯ୍ୟ କୃଷକର କାର୍ଯ୍ୟ ସହ କିପରି ସମ୍ପର୍କିତ ଲେଖ ।

| କାରିଗରଙ୍କ ନାମ | ତାଙ୍କର କାର୍ଯ୍ୟ | କୃଷକର କାର୍ଯ୍ୟ ସହ ସଂମ୍ପର୍କ |
|---|---|---|
| କାଠ କାରିଗର | ଲଙ୍ଗଳ, ଯୁଆଳି ପ୍ରସ୍ତୁତି କରିବା | ଚାଷ କାର୍ଯ୍ୟରେ ଉପକରଣରୂପେ ବ୍ୟବହାର |
| ଲୁହା କାରିଗର | | |



କାରିଗରମାନେ କୃଷକ ଉପରେ ଖାଦ୍ୟ ସାମଗ୍ରୀପାଇଁ ନିର୍ଭର କରନ୍ତି, ସେହିପରି କୃଷକ ଚଷ ପାଇଁ ବିଭିନ୍ନ କାରିଗରଙ୍କ ଉପରେ ନିର୍ଭର କରିଥାଏ ।

ଆସ, ଆମେ ବର୍ତ୍ତମାନ କୃଷକ କେଉଁ କାର୍ଯ୍ୟ ପରେ କେଉଁ କାର୍ଯ୍ୟ କରିଥାଏ ଚିତ୍ରଦେଖି ଦର୍ଶାଇବା ।













ତା'ହାଲେ ୧ ................., ୨ ......................., ୩ ......................,

୪ – କୀଟନାଶକ ଔଷଧ ପକାଇବା , ୫......................., ୬.......................

କୃଷକର କାର୍ଯ୍ୟ ଓ ଅନ୍ୟାନ୍ୟ କାରିଗରଙ୍କର କାର୍ଯ୍ୟ ବିଷୟରେ ଏକ ତୁଳନାତ୍ମକ ତାଲିକା ଦିଆଯାଇଅଛି । ଏହି ତାଲିକାକୁ ପଢ଼ । କିଏ କ'ଣ କରେ, ତା'ର କାମରେ କି କି ଜିନିଷ ଓ ସାଜ ସରଞ୍ଜାମ ବ୍ୟବହାର ହୁଏ ତାହା ଅନୁଧ୍ୟାନ କର ।

| | ଖାଦ୍ୟ ସାମଗ୍ରୀ ସହିତ ସଂପର୍କିତ କର୍ମଜୀବୀ | କର୍ମଜୀବୀଙ୍କ କାର୍ଯ୍ୟ | କାର୍ଯ୍ୟରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ |
|---|---|---|---|
| ୧ . | କୃଷକ | ହଳକରି ଜମି ପ୍ରସ୍ତୁତ କରିବା, ବିହନ ବୁଣିବା, ବିଲରେ ପାଣି ମଡ଼ାଇବା, ବେଉଷଣ କରିବା, ଖତ ଓ ସାର ଦେବା, ପୋକମରା ଦ୍ରବ୍ୟ ପକାଇବା, | ଲଙ୍ଗଳ, ଯୁଆଳି, ବଳଦ, କୋଦାଳ, କୋଡ଼ି, ମଇ ଖୁରୁପି, ଦାଆ, ଟ୍ରାକ୍ଟର କଳ, ବିହନ, ବିଭିନ୍ନ ମଞ୍ଜି, ଖତ ଓ ସାର, |

| | | | |
|---|---|---|---|
| | | ଘାସ ଓ ବାଲୁଙ୍ଗା ବାଛିବା, ଫସଲ କାଟିବା, ଶସ୍ୟ ଅମଳ କରିବା (ବେଙ୍ଗଳା ପକାଇବା ଓ ଶସ୍ୟ ଉଡ଼ାଇବା) | ପୋକମରା ଦ୍ରବ୍ୟ |
| ୨. | ଗୁଡ଼ ତିଆରି କରିବା କାରିଗର | ଆଖୁକୁ ସଫା କରିବା, କାଟିବା ଓ ପେଡ଼ିବା, ଆଖୁରସ ବାହାର କରିବା, ରସକୁ ରାନ୍ଧି ଗୁଡ଼ ତିଆରି କରି ମାଠିଆରେ ସାଇତି ରଖିବା । | ଦାଆ, କଟୁରୀ, ଆଖୁପେଡ଼ା କଳ, ବଳଦ, ବଡ଼ କଡ଼େଇ, ବଡ଼ ପିଠାଖଡ଼ିକା, ବଡ଼ କରଚୁଲି, ମାଠିଆ, ବାଲ୍ତି, ବଡ଼ ଚିମୁଟା, ଆଖୁ ଚୁଲି, ଚୂନ, ଜାଳ । |

କୃଷକ ପରି ଗୋପାଳକ ମଧ୍ୟ କ୍ଷୀରକୁ ଛିଡ଼ାଇ ସେଥିରୁ ଦୁଧ ଛେନା ତିଆରି କରି ବିକିଥାଏ । ଏହି ଛେନାରୁ ରସଗୋଲା ଓ ଅନ୍ୟାନ୍ୟ ଛେନା ଜିନିଷ ମିଠା କାରିଗର ତିଆରି କରିଥାଏ । କେହି କେହି କ୍ଷୀରକୁ ସିଝାଇ, ଥଣ୍ଡା କରି ସେଥିରେ ମହି ପକାଇ ଦହି ତିଆରି କରନ୍ତି । ଦହିରୁ ଲହୁଣୀ ଓ ଲହୁଣୀରୁ ଘିଅ ତିଆରି ହୋଇଥାଏ ।

ଗୋପାଳକମାନଙ୍କ ପରି ମିଠା କାରିଗର, ଝ ବାଲା, ଭୋଜି ରାନ୍ଧୁଣିଆ, ବଡ଼ି, ପାମ୍ପଡ଼, ଆଚାର ତିଆରି କଲାବାଲା ଓ ଅନ୍ୟାନ୍ୟ କର୍ମଜୀବୀ ବିଭିନ୍ନ ଖାଦ୍ୟ ତିଆରି କରି ନିଜର ପେଟ ପୋଷୁଛନ୍ତି । ସେମାନଙ୍କ ବିଷୟରେ ତଳ ସାରଣୀରେ ଲେଖ ।

| କର୍ମଜୀବୀ | କାର୍ଯ୍ୟ | ଜୀବନ ଯାପନ ପ୍ରଣାଳୀ |
|---|---|---|
| ଗୋପାଳକ | ଦୁଧରୁ ଦହି, ଛେନା ଲହୁଣୀ ଓ ଘିଅ ତିଆରି କରିବା – ଏଥିପାଇଁ ଗୋପାଳନ କରିବା । | ନିଜେ ଓ ନିଜ ପରିବାରର ଅନ୍ୟମାନେ ଗାଈଗୋରୁଙ୍କ ଯତ୍ନ ନେଇଥାନ୍ତି । ଦୁଧରୁ ବିଭିନ୍ନ ଜିନିଷ ତିଆରି କରି ବିକ୍ରି କରିଥାନ୍ତି । ଏଥିପାଇଁ ଖରା, ବର୍ଷା ଓ ଶୀତକୁ ନମାନି କଠିନ ପରିଶ୍ରମ କରିଥାନ୍ତି । |
| | | |
| | | |





## ଖାଦ୍ୟ ସାମଗ୍ରୀର ସଂରକ୍ଷଣ

ଆମେ ଖାଉଥିବା ଅନେକ ଖାଦ୍ୟକୁ ତାହାର ମୂଳ ରୂପରେ ବହୁଦିନ ପର୍ଯ୍ୟନ୍ତ ରଖି ହୁଏ ନାହିଁ, କାରଣ ସେଗୁଡ଼ିକ ନଷ୍ଟ ହୋଇଥାଏ । କେତେକ ଖାଦ୍ୟ କିଛି ଘଣ୍ଟା, କିଛି ଦିନ ତ ଆଉ କେତେକ ଖାଦ୍ୟ କିଛି ମାସ ପର୍ଯ୍ୟନ୍ତ ଭଲ ଅବସ୍ଥାରେ ରହିପାରେ । ସେଥିପାଇଁ ଖାଦ୍ୟ ସାମଗ୍ରୀଗୁଡ଼ିକର ବିଭିନ୍ନ ଉପାୟରେ ସଂରକ୍ଷଣ ଆବଶ୍ୟକ ହୋଇଥାଏ । ଆଜିକାଲି ବିଭିନ୍ନ ସଂସ୍ଥାମାନଙ୍କରେ  ଖାଦ୍ୟ ପଦାର୍ଥ ବହୁ ଦିନ ଧରି ସଂରକ୍ଷିତ ଅବସ୍ଥାରେ ରଖାଯାଇ ପାରୁଛି ।

କେତେକ ଖାଦ୍ୟ ପଦାର୍ଥ କାହାଦ୍ୱାରା ଓ କିପରି ସାଇତି ରଖାଯାଉଅଛି, ତାହା ତଳ ସାରଣୀରେ ଦିଆଯାଇଅଛି ।

| ଖାଦ୍ୟ ପଦାର୍ଥର ନାମ | କେତେକ ଲୋକ କିପରି ସାଇତି ରଖନ୍ତି । | ଆଜିକାଲି କିପରି ସାଇତି ରଖାଯାଉଛି । |
|---|---|---|
| ଧାନ<br>ମୁଗ<br>ବିରି<br>କୋଳଥ<br>ମାଣ୍ଡିଆ | କୃଷକ ଓ ଶ୍ରମିକ ମିଶି ଖରାରେ ଶୁଖାଇ ନିମପତ୍ର, ବେଗୁନିଆ ପତ୍ର ଓ ଶୁଖିଲା ଲଙ୍କା ପକାଇ ଘୁମା, ଓଳିଆ ଓ ବସ୍ତାରେ ରଖାଯାଏ । ଧାନକୁ ମଧ୍ୟ କେହି କେହି ଖଡ଼ିରେ ରଖିଥାନ୍ତି । | ଆଜିକାଲି ଶସ୍ୟକୁ ବୈଜ୍ଞାନିକ ପଦ୍ଧତିରେ ନିର୍ମିତ ବାତାନୁମୂଳ ଗୋଦାମ ଘରେ ସୁରକ୍ଷିତ ଭାବେ ରଖାଯାଉଛି । ଏଥିପାଇଁ କେତେକ କୁଶଳୀ କର୍ମଜୀବୀ ନିୟୋଜିତ ହୋଇଥାନ୍ତି । ଏହି କାର୍ଯ୍ୟ 'ଭାରତୀୟ ଖାଦ୍ୟ ନିଗମ' ଦ୍ୱାରା କରାଯାଉଛି । |
| ଚିନାବାଦାମ<br>ସୋରିଷ<br>ରାଶି<br>ଅଳସି | ବଳଦଟଣା ଘଣାରେ ପେଡ଼ି ଠେକି, ମାଠିଆ ଓ ଡବାରେ ସାଇତି ରଖନ୍ତି । ତେଲ ଉତ୍ପାଦନ କରୁଥିବା କର୍ମଜୀବୀମାନେ ସାଇତି ରଖନ୍ତି । | ଘଣା ଓ କାରଖାନାରେ କୁଶଳୀ କାରିଗର ମାନେ ଖୁବ୍ କମ୍ ସମୟରେ ତୈଳ ବୀଜକୁ ପେଡ଼ି ତେଲ ବାହାର କରନ୍ତି । ଏହା ବଡ଼ ବଡ଼ ଡ୍ରମ୍ ଓ ଟିଣରେ ସୁରକ୍ଷିତ ରଖନ୍ତି । |
| କ୍ଷୀର<br>ଦହି<br>ଛେନା<br>ପେଡ଼ା<br>ରାବିଡ଼ି<br>ଲହୁଣୀ | ଗୋପାଳକ କ୍ଷୀର ଓ କ୍ଷୀରରୁ ତିଆରି ଜିନିଷକୁ ଠେକି ମାଠିଆ ରେ ଅଳ୍ପଦିନ ପାଇଁ ସାଇତି ରଖନ୍ତି । | ଆଜିକାଲି ଏହି କାର୍ଯ୍ୟ ଓମ୍‌ଫେଡ୍ ଭଳି ବିଭିନ୍ନ ସଂସ୍ଥା ଦ୍ୱାରା କରାଯାଉଛି । ବୈଜ୍ଞାନିକ ପଦ୍ଧତିରେ କ୍ଷୀରକୁ ଜୀବାଣୁ ମୁକ୍ତ କରି ରଖାଯାଉଅଛି । କ୍ଷୀରରୁ ତିଆରି ଜିନିଷକୁ ମଧ୍ୟ କିଛି ଦିନପାଇଁ ସଂରକ୍ଷିତ କରି ରଖାଯାଇ ପାରୁଛି । |


| | | |
|---|---|---|
| ଆମ୍ବ<br>ସେଓ<br>କଦଳୀ<br>ଅମୃତଭଣ୍ଡା<br>କରମଙ୍ଗା<br>ସଜନାଛୁଇଁ<br>ବରକୋଳି<br>ପଣସ<br>ପିଜୁଳି<br>ଇତ୍ୟାଦି | ଅନେକ ଲୋକ ଖରାରେ ଶୁଖାଇ, ଆଚ୍ଚରକରି ମାଠିଆ, ଡବା ଇତ୍ୟାଦିରେ ସାଇତି ରଖନ୍ତି । | ଫଳରୁ ରସ ବାହାର କରି ଓ ରାନ୍ଧି ସେଥିରେ ରାସାୟନିକ ଦ୍ରବ୍ୟ ମିଶାଇ ଜେଲି, ସ୍କ୍ୱାସ, ସସ୍, ଆଚ୍ଚର, ମୋରବା ଚଟଣୀ ଆକାରରେ ବହୁଦିନ ରଖାଯାଇ ପାରୁଛି । ଏଥିପାଇଁ ଆମ ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ରମାନ ଖୋଲାଯାଇଛି ।<br>ଏହି କାର୍ଯ୍ୟ ଅନେକ କୁଶଳୀ କାରିଗରମାନଙ୍କ ଦ୍ୱାରା କରାଯାଉଛି । |
| ଆଳୁ<br>ପିଆଜ<br>କୋବି<br>ଟମାଟୋ<br>ଇତ୍ୟାଦି | ଲୋକମାନେ ଚଟାଣରେ, ଝୁଡ଼ିରେ, ଡାଲାରେ ଅଳ୍ପ ଦିନ ପାଇଁ ରଖନ୍ତି । | ଶୀତଳ ଭଣ୍ଡାରରେ ବହୁଦିନ ଧରି ରଖାଯାଇପାରୁଛି । |

**ଶିକ୍ଷକଙ୍କ ପାଇଁ ସୂଚନା :**
ଖାଦ୍ୟ ସାମଗ୍ରୀର ସଂରକ୍ଷଣ କରୁଥିବା କର୍ମଜୀବୀମାନଙ୍କ ସମ୍ବନ୍ଧରେ ଆଲୋଚନା କରିବେ ।



# ଅଭ୍ୟାସ

୧. ନିମ୍ନରେ ଖାଲିଥିବା ସ୍ଥାନରେ ମଝିରେ ଥିବା ମୂଳ ପଦାର୍ଥରୁ ତିଆରି ଖାଦ୍ୟର ନାମ ଲେଖ ।



୨. ‘କ’ ସ୍ତମ୍ଭରେ ଥିବା ମୂଳ ଜିନିଷ ସହିତ ‘ଖ’ ସ୍ତମ୍ଭରେ ଥିବା ଉତ୍ପାଦିତ ଖାଦ୍ୟର ନାମ ଯୋଡ଼ ।

| | ‘କ’ ସ୍ତମ୍ଭ | ‘ଖ’ ସ୍ତମ୍ଭ |
|---|---|---|
| **ଯେପରି** | ଆଖୁ | ଘିଅ |
| | କ୍ଷୀର | ତେଲ |
| | ସୋରିଷ | ପକୁଡ଼ି |
| | ବେସନ | ଆଚାର |
| | ଆମ୍ବ | ଚିନି |
| | | ପାଉଁରୁଟି |

(ଆଖୁ — ଚିନି)

୩. କେଉଁଟି ଅଲଗା ବାଛି ଲେଖ ।

**ଯେପରି** କ) ଦହି, ପକୁଡ଼ି, ଛେନା, ଲହୁଣି : ପକୁଡ଼ି

ଖ) ଚୁଡ଼ା, ଖଇ, ରସଗୋଲା, ଚାଉଳ : ____________

ଗ) ଅଟା, ବେସନ, ସୁଜି, ମଇଦା : ____________

ଘ) ବଡ଼ି, ବୁନ୍ଦି, ଚକୁଳି, ବରା : ____________

୪. କାହା ପାଇଁ କିଏ ?

| | | | |
|---|---|---|---|
| **ଯେପରି** | ମାଛ ଚାଷ ପାଇଁ | ପୋଖରୀ | ଜାଆଁଳ |
| | କୁକୁଡ଼ା ଚାଷ ପାଇଁ | ______ | ______ |
| | ଧାନ ଚାଷ ପାଇଁ | ______ | ______ |
| | ପରିବା ଚାଷ ପାଇଁ | ______ | ______ |

୫. କ୍ରମରେ ଲେଖ –

**ଯେପରି :** ଘିଅ ତିଆରି କରିବା ପାଇଁ –

କ୍ଷୀର ସିଝାଇବା, ଦହି ପକାଇବା, ଦହି ମନ୍ଥିବା, ଲହୁଣୀ ବାହାର କରିବା, ଲହୁଣୀ ଗରମ କରିବା

କ) ଚକୁଳି ତିଆରି –

ଖ) ଛେନା ତିଆରି –



୬. **ଯେପରି :** ଗହମରୁ ଅଟା, ଅଟାରୁ ରୁଟି । ସେହିପରି ଲେଖ ।

(କ) ଧାନରୁ.................., ...........ରୁ..........

(ଖ) ଆଖୁରୁ.................., ...........ରୁ..........

(ଗ) କ୍ଷୀରରୁ.................., .............ରୁ...........

୭. ତଳ କୋଠରୀରେ ଥିବା ଜିନିଷଗୁଡ଼ିକ ତଳ ସାରଣୀରେ କେଉଁଠି ରହିବ ରଖ ।

ଆମ୍ବ, ବିରି, ମୁଗ, ଧାନ, ସେଓ, ପିଜୁଳି
ବରକୋଳି, କରମଙ୍ଗା, ସଜନାଛୁଇଁ, ଡାଳିମ୍ବ,
ବିଲାତିବାଇଗଣ, କୋବି, କୋଳଥ, ମାଣ୍ଡିଆ,
ଆଳୁ, ପିଆଜ

| ଆଚାର, ଜାମ୍ ଜେଲି, ସସ୍ ପ୍ରସ୍ତୁତ କରାଯାଏ । | ଖରାରେ ଶୁଖାଇ, ନିମପତ୍ର/ବେଗୁନିଆ ପତ୍ର ପକାଇ ରଖାଯାଏ । | ଶୀତଳ ଭଣ୍ଡାରରେ ରଖାଯାଏ । |
|---|---|---|
| ଆମ୍ବ | ମୁଗ | ଆଳୁ |

୮. କୃଷକ କୃଷି କାର୍ଯ୍ୟ ପାଇଁ କେଉଁ କେଉଁ ବୃତ୍ତିଧାରୀଙ୍କ ଉପରେ ନିର୍ଭର କରେ ?





**ତୁମ ପାଇଁ କାମ -**

- ତୁମର ପାଞ୍ଚଜଣ ପଡ଼ୋଶୀଙ୍କଠାରୁ ତାଙ୍କ ବୃତ୍ତି ସମ୍ବନ୍ଧରେ ପଚାରି ଲେଖ ।
- ତୁମ ଅଞ୍ଚଳରେ ଥିବା ଯେକୌଣସି ଖାଦ୍ୟ ପ୍ରକ୍ରିୟାକରଣ ସମ୍ପର୍କିତ କାରଖାନାକୁ ବୁଲିଯାଇ ସେଠାରେ ଉତ୍ପାଦିତ ହେଉଥିବା ଖାଦ୍ୟ ସାମଗ୍ରୀକୁ ଦେଖ ଓ ନିଜ ଖାତାରେ ସେହି ବିଷୟରେ ଲେଖ ।

